# NATIONAL NEWS BULLETIN (ODIA)

**28 August - 2024**

**Mid-Day : 1.50 p.m.**

---

## ମୁଖ୍ୟ ସମ୍ବାଦ

- **ପ୍ରଧାନମନ୍ତ୍ରୀ ଜନଧନ ଯୋଜନା**ର ୧୦ବର୍ଷ ପୂର୍ତ୍ତି ଅବସରରେ ହିତାଧିକାରୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- କାର୍ଯ୍ୟସ୍ଥଳୀରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁରକ୍ଷା ସଂକ୍ରାନ୍ତରେ ସବୁ ରାଜ୍ୟର ମୁଖ୍ୟଶାସନ ସଚିବ ଓ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ ନେଇ ଜାତୀୟ ଟାସ୍କଫୋର୍ସର ବୈଠକ ଅନୁଷ୍ଠିତ ।

- ଆର.ଜି.କର ମେଡ଼ିକାଲ କଲେଜରେ ଡାକ୍ତରୀ ଛାତ୍ରୀଙ୍କ ଦୁଷ୍କର୍ମ ଘଟଣାରେ ବିଜେପି ପକ୍ଷରୁ ଆଜି ପଶ୍ଚିମବଙ୍ଗରେ ୧୨ ଘଣ୍ଟିଆ ଧର୍ମଘଟ ।

ଏବଂ

- ପ୍ୟାରିସ୍‌ଠାରେ ଆଜି ପାରା ଅଲିମ୍ପିକ୍ସ କ୍ରୀଡ଼ା ୨୦୨୪ର ଆନୁଷ୍ଠାନିକ ଉଦ୍‌ଘାଟନ ।

---

# ଜନଧନ ଯୋଜନା

କେନ୍ଦ୍ର ସରକାରଙ୍କ ମହତ୍ୱାକାଂକ୍ଷୀ **ପ୍ରଧାନମନ୍ତ୍ରୀ ଜନଧନ ଯୋଜନା** ଆଜି ୧୦ବର୍ଷ ପୂରଣ କରିଛି। ଏହା ଅଧୀନରେ ୫୩ କୋଟିରୁ ଅଧିକ ହିତାଧିକାରୀ ବ୍ୟାଙ୍କ ଖାତା ଖୋଲିବାରେ ସକ୍ଷମ ହୋଇଛନ୍ତି। ଏହି

ଯୋଜନା ସଫଳ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହିତାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ସେ କହିଛନ୍ତି, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦିଗରେ ଏହା ସର୍ବୋତ୍କୃଷ୍ଟ ଯୋଜନା ହେବା ସହ ବିଶେଷକରି ମହିଳା, ଯୁବ ଓ ସମାଜର ଦୁର୍ବଳ ବର୍ଗର ଲୋକଙ୍କ ପାଇଁ ବେଶ୍ ଲାଭଦାୟକ ହୋଇପାରିଛି ।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଏହି ଯୋଜନା ଅର୍ଥନୈତିକ ମୁଖ୍ୟସ୍ରୋତରେ ଗରିବମାନଙ୍କୁ ଯୋଡ଼ିବାରେ ବିଶେଷ ସହାୟକ ହୋଇଛି । ଜନଧନ, ମୋବାଇଲ୍ ନମ୍ବର ଏବଂ ଆଧାର ତିନୋଟି ଯୋଡ଼ିହେବା ଦ୍ୱାରା ଯୋଗ୍ୟ ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆର୍ଥିକ ଲାଭ ବିନା ଦ୍ୱିଧାରେ ପହଞ୍ଚିପାରୁଛି ଏବଂ ଏଥିରେ ସ୍ୱଚ୍ଛତା ମଧ୍ୟ ବଜାୟ ରହୁଛି ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି। ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳ କିମ୍ବା ଅର୍ଦ୍ଧସହରାଞ୍ଚଳରେ ପ୍ରାୟ ୬୭ ପ୍ରତିଶତ ଆକାଉଣ୍ଟ ଖୋଲାଯାଇ ପାରିଛି ଏବଂ କେବଳ ମହିଳାଙ୍କର ୫୫ ପ୍ରତିଶତ ଆକାଉଣ୍ଟ ରହିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

---

## ରାଜ୍ୟସଭା ଇଲେକ୍ସନ୍

ରାଜ୍ୟସଭାକୁ ୧୨ ଜଣ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ବିଜେପିର ୯ ଜଣ, ଏନ୍‌ଡିଏ ସହଯୋଗୀ ଦଳର ୨ ଏବଂ କଂଗ୍ରେସର ଜଣେ ପ୍ରାର୍ଥୀ ରହିଛନ୍ତି । ବିଜେପି ଦଳର ପ୍ରାର୍ଥୀ ଭାବେ ଆସାମରୁ ମିଶନ୍ ରଞ୍ଜନ ଦାସ ଓ ରାମେଶ୍ୱର ତେଲି, ବିହାରରୁ ମନନ କୁମାର ମିଶ୍ର, ହରିୟାଣାରୁ କୀରଣ ଚଧ୍ୱାରୀ, ମଧ୍ୟପ୍ରଦେଶରୁ ଜର୍ଜ କୁରିଅନ୍, ମହାରାଷ୍ଟ୍ରରୁ ଧୀରୟା ଶୀଲ ପାଟିଲ, ଓଡ଼ିଶାରୁ ମମତା ମହାନ୍ତ, ରାଜସ୍ଥାନରୁ ରବନୀତ ସିଂହ ବିଟ୍ଟୁ ଏବଂ ତ୍ରିପୁରାରୁ ରାଜୀବ ଭଟ୍ଟାଚାର୍ଯ୍ୟ

ନିର୍ବାଚିତ ହୋଇଛନ୍ତି । କଂଗ୍ରେସର ଅଭିଷେକ ମନୁ ସିଂଘଭି ତେଲଙ୍ଗାନାରୁ ଏବଂ ଏନ୍.ସି.ପି. ଅଜିତ ପାୱାର ଗୋଷ୍ଠୀର ନୀତିନ ପାଟିଲ୍ ମହାରାଷ୍ଟ୍ରରୁ ନିର୍ବାଚିତ ହୋଇଛନ୍ତି । ଆର୍.ଏଲ୍.ଏମ୍.ର ଉପେନ୍ଦ୍ର କୁଶୱାହା ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି ।

## ଡବ୍ଲୁବି-ଷ୍ଟ୍ରାଇକ୍

କୋଲକାତାର ଆର.ଜି.କର ମେଡ଼ିକାଲ କଲେଜରେ ଟ୍ରେନି ଡାକ୍ତରୀ ଛାତ୍ରୀଙ୍କ ଦୁଷ୍କର୍ମ ଘଟଣାକୁ କେନ୍ଦ୍ରକରି ବିଜେପି ପକ୍ଷରୁ ଆଜି ପଶ୍ଚିମବଙ୍ଗରେ କରାଯାଇଥିବା ୧୨ ଘଣ୍ଟିଆ ଧର୍ମଘଟର ପ୍ରଭାବ ଦେଖିବାକୁ ମିଳିଛି । ବିଭିନ୍ନ ସ୍ଥାନରେ ପ୍ରତିବାଦ ଓ ବିକ୍ଷୋଭ ଯୋଗୁଁ ରେଳସେବା ବ୍ୟାହତ ହୋଇଥିବା ବେଳେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଏହାର ପ୍ରଭାବ ବିଶେଷକରି ନନ୍ଦିଗ୍ରାମ ଓ ଅଲୀପୁର୍ଦାର ଠାରେ ଦେଖିବାକୁ ମିଳିଛି । ମାଲଦା ଠାରେ ରାସ୍ତା ଅବରୋଧ କରାଯାଇଥିବାରୁ ଟି.ଏମ୍.ସି ଓ ବିଜେପି କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି । ତେବେ କୋଲକାତାର ଅନେକ ସ୍ଥାନରେ ଦୋକାନ ବଜାର ଓ ସ୍କୁଲ୍ କଲେଜ ଖୋଲାରହିଥିବା ଦେଖିବାକୁ ମିଳିଛି ।

ସୂଚନାଯୋଗ୍ୟ ଯେ, ନିକଟରେ ହୋଇଥିବା ନବାନ୍ନ ଅଭିଯାନ ପ୍ରତିବାଦ ସମୟରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଜେପି ଏହି ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଛି ।

# ଟାକ୍ସ ଫୋର୍ସ ମିଟିଂ

କାର୍ଯ୍ୟସ୍ଥଳୀରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁରକ୍ଷା ନେଇ ଜାତୀୟ ଟାସ୍କଫୋର୍ସର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଛି । ସ୍ୱରାଷ୍ଟ୍ର ସଚିବ ଓ ସ୍ୱାସ୍ଥ୍ୟ ସଚିବଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟଗୁଡ଼ିକର ମୁଖ୍ୟ ଶାସନ ସଚିବ ଓ ପୋଲିସ୍ ମହାନିର୍ଦ୍ଦେଶକ ଯୋଗ ଦେଇଛନ୍ତି । କାର୍ଯ୍ୟସ୍ଥଳୀରେ ଡାକ୍ତରୀ ବୃତ୍ତିଧାରୀଙ୍କ ପାଇଁ ସୁରକ୍ଷା ସୁନିଶ୍ଚିତ କରିବା ସକାଶେ ସୁପ୍ରିମ୍‌କୋର୍ଟଙ୍କ୍ ସୁପାରିଶରେ ଟାସ୍କଫୋର୍ସ ଗଠନ କରାଯାଇଛି ।

ଗତକାଲି ନୂଆଦିଲ୍ଲୀଠାରେ କେନ୍ଦ୍ର କ୍ୟାବିନେଟ୍ ସଚିବଙ୍କ ଅଧ୍ୟକ୍ଷତାରେ ଟାକ୍ସ ଫୋର୍ସ୍‌ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ କରିବା ସହ ସେମାନଙ୍କର ସୁଚିନ୍ତିତ ପ୍ରସ୍ତାବମାନ ଦେଇଥିଲେ । ଏ ନେଇ ବିଭିନ୍ନ ହିତଧାରକଙ୍କ ପକ୍ଷରୁ ପ୍ରାୟ ୩ଶହରୁ ୪ଶହ ପ୍ରସ୍ତାବ ଆସିଥିବା ନେଇ ଟାସ୍କଫୋର୍ସର ସଦସ୍ୟମାନେ ଜଣାଇଛନ୍ତି ।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିଜର ୱେବ୍‌ସାଇଟ୍ ମାଧ୍ୟମରେ 'Suggestions to NTF' ପୋର୍ଟାଲ ସୃଷ୍ଟି କରି ସମଗ୍ର ଦେଶରୁ ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ହିତଧାରକଙ୍କ ପ୍ରସ୍ତାବକୁ ସନ୍ନିବେଶିତ କରିବାର ବ୍ୟବସ୍ଥା କରିଛି । ଟାସ୍କଫୋର୍ସର ସଦସ୍ୟମାନଙ୍କ ସହ ସ୍ୱାସ୍ଥ୍ୟ ସଚିବ ବିଚାରବିମର୍ଶ କରି ପ୍ରମୁଖ ହିତଧାରକଙ୍କ ପ୍ରସ୍ତାବ ଗୁଡ଼ିକୁ ଆଲୋଚନା ପରିସରଭୁକ୍ତ କରିବ ବୋଲି ଜଣାପଡ଼ିଛି ।

ଉଲ୍ଲେଖଯୋଗ୍ୟ ଯେ ଆର୍.ଜି.କର ମେଡ଼ିକାଲ କଲେଜରେ ହୋଇଥିବା ଅଘଟଣ ଓ ଡାକ୍ତରୀ ବୃତ୍ତିଧାରୀଙ୍କ ସୁରକ୍ଷା ସଂକ୍ରାନ୍ତରେ ତୁରନ୍ତ ୩ ସପ୍ତାହ ଭିତରେ ଅନ୍ତରୀଣ ରିପୋର୍ଟ ଦେବା ଲାଗି ସୁପ୍ରିମକୋର୍ଟ ଟାସ୍କଫୋର୍ସକୁ ନିର୍ଦ୍ଦେଶ ଦେଇଥିବା ବେଳେ ୨ ମାସ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବା ପାଇଁ କହିଛନ୍ତି ।

## ୱାକଫ୍ ସଜେସନ୍

ୱାକଫ୍ ସଂଶୋଧନ ବିଲ୍ ୨୦୨୪ ଉପରେ ବିଚାର ବିମର୍ଷ କରୁଥିବା ସଂସଦୀୟ ଯୁଗ୍ମ କମିଟି ସମାଜର ବିଭିନ୍ନ ବର୍ଗ, ସ୍ୱେଚ୍ଛାସେବୀ ସଂଗଠନ, ବିଶେଷଜ୍ଞ ଏବଂ ଅନୁଷ୍ଠାନମାନଙ୍କ ଠାରୁ ମତାମତ ଆହ୍ୱାନ କରିଛି । ଏ ନେଇ ଲୋକସଭା ସଚିବାଳୟ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି । ଲିଖିତ ପରାମର୍ଶ ଦେବାକୁ ଚାହୁଁଥିଲେ ଯୁଗ୍ମ ସଚିବ ଜେ.ଏମ୍. ଲୋକସଭା ସଚିବାଳୟ, ରୁମ୍ ନମ୍ବର ୪୪୦, ସଂସଦ ଭବନ ଆନେକ୍ସ, ନୂଆଦିଲ୍ଲୀ-୧୧୦୦୦୧ ଠିକଣାରେ ଦେଇପାରିବେ । ଇଂରାଜୀ ଏବଂ ହିନ୍ଦୀରେ ମତାମତ ପଠାଇ ପାରିବେ । ସେହିଭଳି **jpcwaqf-lss@sansad.nic.in**କୁ ଇମେଲ୍ ମାଧ୍ୟମରେ ମଧ୍ୟ ମତାମତ ପଠାଇବାକୁ କୁହାଯାଇଛି । ମତାମତ ପଠାଇବାକୁ ୧୫ ଦିନ ସମୟସୀମା ଧାର୍ଯ୍ୟ କରାଯାଇଛି । ବିଜ୍ଞପ୍ତି ଅନୁଯାୟୀ କମିଟି ନିକଟରେ ଦାଖଲ କରାଯାଇଥିବା ମତାମତ ରେକର୍ଡର ଅଂଶବିଶେଷ ହେବ ଏବଂ ଏହାକୁ ଗୋପନୀୟ ରଖାଯିବ । ତେବେ ବ୍ୟକ୍ତିଗତ ଭାବେ ହାଜର ହୋଇ ମତ ଉପସ୍ଥାପନ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଜଣାଇବାକୁ ଅନୁରୋଧ କରାଯାଇଛି । ଏହି ବିଲ୍‌ର ଲେଖା ହିନ୍ଦୀ ଏବଂ ଇଂରାଜୀ ଭାଷାରେ ଲୋକସଭା ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି ।

ସୂଚନା ଯୋଗ୍ୟ ଗତ ବଜେଟ୍ ଅଧିବେଶନ ସମୟରେ ଲୋକସଭାରେ ଆଗତ ଏହି ବିଲ୍‌କୁ ଅଧିକ ଯାଞ୍ଚ୍ ପାଇଁ ସାଂସଦ ଜଗଦମ୍ବିକା ପାଲ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଯାଇଥିଲା । ଆଗାମୀ ଶୀତକାଳୀନ ଅଧିବେଶନ ପ୍ରଥମ ସପ୍ତାହ ସୁଦ୍ଧା କମିଟି ତାର ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି ।

## କେଜରିଓ୍ୱାଲ

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ସି.ବି.ଆଇ. ଦ୍ୱାରା ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲଙ୍କ ବିଚାରବିଭାଗୀୟ ହାଜତ ମିଆଦ ଆସନ୍ତାମାସ ୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ତିହାର ଜେଲ୍ ଆଭାସୀ ମାଧ୍ୟମରେ ନୂଆଦିଲ୍ଲୀସ୍ଥିତ ରାଉଜ୍ ଆଭେନିଉ ଅଦାଲତର ସ୍ୱତନ୍ତ୍ର ବିଚାରପତି କାଭେରୀ ବାଓ୍ୱେଜାଙ୍କ ସମ୍ମୁଖରେ ସେ ହାଜର ହୋଇଥିଲେ । ଗତ ସପ୍ତାହରେ ସୁପ୍ରିମକୋର୍ଟରେ ଦାୟର କରାଯାଇଥିବା କାଉଣ୍ଟର ଆଫିଡାଭିଟ୍‌ରେ ସି.ବି.ଆଇ. କେଜରିଓ୍ୱାଲଙ୍କ ଜ୍ଞାତସାରରେ ମଦ ଦୁର୍ନୀତି ନୀତି ପ୍ରଣୟନ କରାଯାଇଥିବା ନେଇ ଅଭିଯୋଗ ରହିଆସିଛି । ତାଙ୍କ ଜାମିନ ନେଇ କେଜରିଓ୍ୱାଲ ଅଦାଲତରେ ଆବେଦନ କରିଥିଲେ ମଧ୍ୟ ସିବିଆଇ ଏହା ରାଜନୈତିକ ଉଦ୍ଦେଶ୍ୟ ରଖି କରାଯାଉଥିବା ଅଦାଲତରେ ଜଣାଇଛି । ଏହି ମାମଲାରେ କେଜରିଓ୍ୱାଲଙ୍କର ହାତ ରହିଥିବା ନେଇ ବିଭିନ୍ନ ଅଦାଲତ ବିଭିନ୍ନ ସମୟରେ ରାୟ ଦେଇଆସିଛନ୍ତି । ଆସନ୍ତାମାସ ୫ ତାରିଖରେ ସୁପ୍ରିମକୋର୍ଟରେ ଏହାର ପରବର୍ତ୍ତୀ ଶୁଣାଣି ହେବ ।

## ଖରିଫ୍ କ୍ରପ୍ସ

ଦେଶର ୧ହଜାର ୬୫ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଚଳିତ ବର୍ଷ ଖରିଫ୍ ଫସଲ ଚାଷ କରାଯାଉଛି । ଗତବର୍ଷ ଏହି ସମୟ ମଧ୍ୟରେ ୧ହଜାର ୪୪ଲକ୍ଷ ହେକ୍ଟର ଜମିରେ ଖରିଫ୍ ଚାଷ କରାଯାଇଥିଲା । କୃଷି ଏବଂ କୃଷକ କଲ୍ୟାଣ ବିଭାଗ ପକ୍ଷରୁ ପ୍ରକାଶିତ ଖରିଫ୍ ଫସଲ ସମ୍ପର୍କିତ ଅଗ୍ରଗତି ରିପୋର୍ଟରୁ  ଏହା ଜଣାପଡ଼ିଛି । ୩୯୪ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ସେହିଭଳି ୧୧୫ ଲକ୍ଷ ହେକ୍ଟରରେ  ଡାଲି, ୧୮୫ ଲକ୍ଷରୁ ଅଧିକ ହେକ୍ଟରରେ ଖାଦ୍ୟଶସ୍ୟ ଏବଂ ୧୮୮ ଲକ୍ଷରୁ ଅଧିକ ହେକ୍ଟରରେ ତୈଳବିଜ ଚାଷ ହୋଇଥିବା ଏହି ରିପୋର୍ଟରୁ ସୂଚନା ମିଳିଛି ।

# ପାରା ଅଲିମ୍ପିକ୍ସ

ଫ୍ରାନ୍ସର ପ୍ୟାରିସ୍‌ଠାରେ ପାରା ଅଲିମ୍ପିକ୍ସ କ୍ରୀଡ଼ା ୨୦୨୪ ଆଜି ଆନୁଷ୍ଠାନିକ ଭାବେ ଆରମ୍ଭ ହେବ। ଆସନ୍ତା ମାସ ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଗ୍ରୀଷ୍ମକାଳୀନ ପାରାଅଲିମ୍ପିକ୍ସ କ୍ରୀଡ଼ାର ଆୟୋଜନ ପ୍ରଥମଥର ପାଇଁ ଫ୍ରାନ୍ସ ପକ୍ଷରୁ କରାଯାଇଛି । ଉଲ୍ଲେଖଯୋଗ୍ୟ,  ଫ୍ରାନ୍ସ ୧୯୯୨ ମସିହାରେ ଶୀତକାଳୀନ ପାରାଅଲିମ୍ପିକ୍ସ ଟିଗ୍‌ନେସ୍ ଏବଂ ଆଲ୍‌ବର୍ଟ ଭିଲି ଠାରେ ଆୟୋଜନ କରିଥିଲା । ଆଜିର ଏହି ଉଦ୍‌ଘାଟନୀ ସମାରୋହ ଭାରତୀୟ ସମୟ ରାତି ୧୧ଟା ୩୦ମିନିଟ୍‌ରେ ଆରମ୍ଭ ହେବ । ଭାରତର ୩୮ ଜଣ ପାରାଆଥ୍‌ଲେଟ୍ ଏଥିରେ ଅଂଶ ଗ୍ରହଣ କରୁଛନ୍ତି । ଏହି ସମାରୋହରେ ୨୨ ପ୍ରକାରର କ୍ରୀଡ଼ା ଖେଳାଯିବାକୁ ଥିବା ବେଳେ ୧୨ଟି ବର୍ଗରେ ଭାରତୀୟ ଖେଳାଳିମାନେ ଅଂଶ ଗ୍ରହଣ କରିବେ ।

ଭାରତୀୟ ସଟ୍‌ପୁଟ୍ ତାରକା ଏବଂ ଏସୀୟ କ୍ରୀଡ଼ା- ୨୦୨୨ର ରୌପ୍ୟପଦକ ବିଜେତା ଭାଗ୍ୟଶ୍ରୀ ଯାଦବ, ଜାଭେଲିନ୍ ତାରକା ସୁମିତ ଅନ୍‌ତିଲ୍ ଏହି ଉଦ୍‌ଘାଟନୀ ସମାରୋହରେ ଭାରତୀୟ ଜାତୀୟ ପତାକା ଧରି ପଡ଼ିଆକୁ ଓହ୍ଲାଇବେ । ପାରା ବ୍ୟାଡମିଣ୍ଟନ ଖେଳାଳି କ୍ରିଷ୍ଣା ନାଗର ପୁରୁଷ ବିଭାଗରେ ଟାଇଟଲ ହାସଲ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ବନ୍ଧୁକ ଚାଳନାରେ ଅବନୀ ଲେଖାରା ଏବଂ ମନୀଷ ନରୱାଲ୍ ନିଜର ପାରଦର୍ଶିତା ପ୍ରଦର୍ଶନ କରିବେ । ତୀର ଚାଳନା, ସାଇକେଲିଂ, ତାଇକୋଣ୍ଡୋ, ସନ୍ତରଣ ଏବଂ ଟେବୁଲ୍ ଟେନିସ୍ ପ୍ରତିଯୋଗିତାରେ ଆସନ୍ତାକାଲି ଭାରତୀୟ ଖେଳାଳିମାନେ କ୍ରୀଡ଼ା ପ୍ରଦର୍ଶନ କରିବେ ।

ପ୍ୟାରିସ୍ ପାରାଅଲିମ୍ପିକ୍ସର ଉଦ୍‌ଯାପନୀ ସମାରୋହ ଆସନ୍ତାମାସ ୯ ତାରିଖରେ ଅନୁଷ୍ଠିତ ହେବ ।

............................................................................